## ସଂକ୍ଷେପରେ

### ଚଇତି ମହୋତ୍ସବ ବେଳେ ଅଗ୍ନିକାଣ୍ଡ



ରାୟଗଡ଼ା,୨୨ା୧(ସ୍ୱ.ପ୍ର.)- ରାୟଗଡ଼ା ଜିଲାସ୍ତରୀୟ ଚଇତି ମହୋତ୍ସବ ଚାଲିଥିବାବେଳେ ରବିବାର ମଣ୍ଡପ ନିକଟରେ ଏକ ନଡ଼ିଆ ଗଛରେ ନିଆଁ ଲାଗିଯାଇଥିଲା। ଉଦ୍‌ଯାପନି ସନ୍ଧ୍ୟାରେ ଆତସବାଜି କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ତେବେ ଦମକଳ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ନିକଟରେ ଥିବା ରୋଷେଇ ଘର ଏବଂ ଚଇତି ମଣ୍ଡପ ଅଳ୍ପକେ ବର୍ତ୍ତିଯିବା ସହ ବଡ଼ ଦୁର୍ଘଟଣା ଟଳିଯାଇଛି। ବାଣ ନିଆଁ ନଡ଼ିଆ ଗଛ ସହ ତଳେ ଥିବା ଅଳିଆ ଗଦାରେ ମଧ୍ୟ ଲାଗିଥିଲା। ଶୁଖିଲା ପତ୍ର ଥିବା ଯୋଗୁ ନିଆଁ ବ୍ୟାପିଥିଲା। ଉଦଯାପନି ସନ୍ଧ୍ୟାରେ ପ୍ରାୟ ୩୦ ହଜାର ଲୋକଙ୍କ ସମାଗମ ହୋଇଥିଲା।

### ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର,୨୨ା୧(ନି.ପ୍ର.)- ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହରିଶଙ୍କର ଚୌପାଡି (୨୭)। ସୁନାବେଡାର ହରିଶଙ୍କର ଗତ ୨ ବର୍ଷ ହେଲା ବୋରିଗୁମ୍ମା ଅଞ୍ଚଳର ଜଣେ ଯୁବତୀଙ୍କ ଭଲ ପାଉଥିଲେ। ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ହରିଶଙ୍କର ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ସମ୍ପୃକ୍ତ ଯୁବତୀ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଅଭିଯୋଗର ତଦନ୍ତ କରି ଅଭିଯୁକ୍ତ ହରିଶଙ୍କରଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରହୀ କହିଛନ୍ତି। କେସ୍ ନଂ. ୧୨/୨୩।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି,୨୨ା୧(ଡି.ଏନ୍.ଏ.)-ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି କୋର୍ଟରେ କାର୍ଯ୍ୟରତ କନିଷ୍ଠ କିରାଣୀ ସର୍ବେଶ୍ୱର ପୁଜାରୀଙ୍କୁ ଚନ୍ଦାହାଣ୍ଡି ଓକିଲ ସଂଘ ଏବଂ କୋର୍ଟ କର୍ମଚାରୀଙ୍କ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଚନ୍ଦାହାଣ୍ଡି ଫୁଲଝରୀ ଡ୍ୟାମ ପରିସରରେ ଆଇନଜୀବୀ ମହମ୍ମଦ ହୁସେନଙ୍କ ଆବାହକତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜେଏମଏଫ୍‌ସି ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥି ରୂପେ ଏପିପି ସତିଶ ନାୟକ,ଓକିଲ ଜୟଦେବ ଖମାରୀ, କ୍ଷେମରାଜ ବଘ, ହୁମେଶ୍ୱର ହଂସ, ଭିକ୍ଷୁ ସୁନା, ହିରାଧର ମାଳି ପ୍ରମୁଖ ଯୋଗଦେଇ ପୁଜାରୀଙ୍କ ସମୟାନୁବର୍ତ୍ତିତା ଓ ଉତ୍ତମ ବ୍ୟବହାର ଉପରେ ଆଲୋକପାତ କରିବା ସହ ଉପଢୌକନ ପ୍ରଦାନ କରିଥିଲେ। ପୁଜାରୀ ୨୦୧୯ରେ ଚନ୍ଦାହାଣ୍ଡି କୋର୍ଟରେ କନିଷ୍ଠ କିରାଣୀ ଭାବେ ଯୋଗ ଦେଇଥିଲେ। ଏବେ ତାଙ୍କୁ ନବରଙ୍ଗପୁର ଏସଡିଜେଏମ କୋର୍ଟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ନୂତନ କିରାଣୀ ଭାବେ ଯୋଗ ଦେଇଥିବା କୁଳଦୀପଙ୍କୁ ଏଠାରେ ସ୍ୱାଗତ କରାଯାଇଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ଗ୍ରାମବାସୀ

- ଆବାସ ଯୋଜନା ଗୃହ ଆବଣ୍ଟନରେ ଅନିୟମିତତା ଅଭିଯୋଗ
- ୩ ଘଣ୍ଟା ବନ୍ଦ ରହିଲେ ଜିଆରଏସ୍, ବିଡିଓଙ୍କୁ ଘେରିଲେ

ନବରଙ୍ଗପୁର,୨୨ା୧(ବି.ପ୍ର.)



ବିଡିଓ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

ଆବାସ ଯୋଜନା ଗୃହ ଆବଣ୍ଟନରେ ଅନିୟମିତତା ଅଭିଯୋଗ କରି ନବରଙ୍ଗପୁର ବ୍ଲକ ବଡ଼କୁମୁଲି ପଞ୍ଚାୟତ ଅନ୍ତର୍ଗତ ଚିକିଲି ଗ୍ରାମବାସୀ ରବିବାର ପଞ୍ଚାୟତ କାର୍ଯାଳୟରେ ତାଲା ଠୁଙ୍କିଛନ୍ତି। ଫଳରେ ଜିଆର୍‌ଏସଙ୍କୁ ଗ୍ରାମବାସୀ ୩ ଘଣ୍ଟା ଧରି ବନ୍ଦ କୋଠରୀରେ ରହିବାକୁ ପଡ଼ିଛି। ସେହିପରି ବିଡିଓ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ମଧ୍ୟ ଗାଁର ମହିଳା ଘେରିଥିଲେ।

ଚିକିଲି ଗ୍ରାମରେ ଆବାସ ଯୋଜନାରେ ଦୁର୍ନୀତି ଏବଂ ପିସି କରବାର ହୋଇଛି। ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ନ କରି ବଡ଼ବଡ଼ଆଙ୍କୁ ଆବାସ ଗୃହ ଦିଆଯାଇଛି। ଚାଉଳ, ପେନସନ ପ୍ରତି ମାସରେ ଠିକ୍ ସମୟରେ ପ୍ରଦାନ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚିକିଲି ଗ୍ରାମରେ ରାସ୍ତା, ପାଣି ଏବଂ ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଥିଲେ। ହେଲେ ସରପଞ୍ଚ ଏହାକୁ ଅଣଦେଖା କରିଥିଲେ। ଫଳରେ ଗ୍ରାମର ମହିଳା ଏବଂ ପୁରୁଷ ମିଳିତ ଭାବେ ପଞ୍ଚାୟତ କାର୍ଯାଳୟରେ ତାଲା ପକାଇବାକୁ ବାଧ ହୋଇଥିବା ପ୍ରକାଶ କରିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣାରୁ ହଟିବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଜିଆର୍‌ଏସ୍ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଥିବାବେଳେ ଗ୍ରାମବାସୀ ତାଲା ଆମେ ଖୋଲିବୁ ନାହିଁ ବୋଲି ଜିଦ୍‌ରେ ଗେଟ୍ ବାହାରେ ବସିଥିବା ଦେଖିବାକୁ ମିଳିଥିଲା। ପରେ ନବରଙ୍ଗପୁର ବିଡିଓ, ଜିପିଓ, ସରପଞ୍ଚ ଏବଂ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲି ଜିଆର୍‌ଏସ୍‌ଙ୍କୁ ମୁକ୍ତ କରିଥିଲେ। ବିଡିଓଙ୍କୁ ଗ୍ରାମବାସୀ ସମସ୍ୟା ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ଲିଖିତ ଭାବେ ଅଫିସରେ ସମସ୍ୟା ଜଣାଇବାକୁ ବିଡିଓ ଗ୍ରାମବାସୀଙ୍କୁ କହିଛନ୍ତି। ତେବେ ଗ୍ରାମବାସୀ ବିଡିଓଙ୍କ କଥାକୁ ନାପସନ୍ଦ କରିବା ସହ ବିଡିଓଙ୍କ ଗାଡ଼ି ଅଟକାଇ ଘେରାଉ କରିଥିଲେ। ପୂର୍ବରୁ ମଧ୍ୟ ବିଡିଓ ଏଭଳି ପ୍ରତିଶ୍ରୁତି ଦେଇ ଠକିଛନ୍ତି ବୋଲି ସେମାନେ କହିଛନ୍ତି। ବିଡିଓ ମଧ୍ୟ କୌଣସି ପ୍ରତିଶ୍ରୁତି ନ ଦେଇ ଚାଲିଯାଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ନବରଙ୍ଗପୁର ବ୍ଲକ କାର୍ଯାଳୟ ଏବଂ ଜିଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନି ଦିଆଯାଇଛି।

# ଏକ୍ସ-କ୍ୟାଡର ଜିଲା ପ୍ରାଥମିକ ଶିକ୍ଷକ ସଂଘ ବୈଠକ



ଡାବୁଗାଁ,୨୨ା୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଏକ୍ସ-କ୍ୟାଡର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜିଲାସ୍ତରୀୟ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ସୁଜିତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘ ମହାସଚିବ ହାନେସ ପାତ୍ର ବାଘ ଯୋଗଦେଇ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ଓ ସଂଘକୁ କିପରି ସୁଦୃଢ଼ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଜିଲାର ୧୦ ବ୍ଲକରୁ ୩୯୫ ଗଣଶିକ୍ଷକ ଓଟିଇଟି ପରୀକ୍ଷା ପାସ କରି ସାରିଛନ୍ତି। ସେମାନେ ନିୟମିତ ହେବ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏକ୍ସ-କ୍ୟାଡର ଶିକ୍ଷକ ପଦବୀରେ ସେମାନେ ନିୟମିତ ହେବେ। ସରକାର ଶୀଘ୍ର ସେମାନଙ୍କୁ କିପରି ଶୀଘ୍ର ନିୟମିତ କରିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ନିୟମିତ ହୋଇ ନ ଥିବା ଅନ୍ୟ ଗଣଶିକ୍ଷକଙ୍କୁ ସରକାର କିପରି ନିୟମିତ କରିବେ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ସଂଘ ଉପସଭାପତି ପ୍ରଦୀପ ପାଢ଼ୀ, ଉମେଶ ପାତ୍ର, ମୁରଲୀ ନାୟକ, ମଙ୍ଗଳା ବେହେରା, ଅମିତ ଖମାରି ଓ ବୈଦ୍ୟନାଥ ସାହୁ, ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ମହେଶ୍ୱର ସରାବୁ, ଡାବୁଗାଁ ବ୍ଲକ ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା, ସମ୍ପାଦକ ଜିତେନ୍ଦ୍ର କୁମାର ମାଝି, ବିଭିନ୍ନ ବ୍ଲକର ସଭାପତି ଯଥା ହିମାଂଶୁ ଗୌଡ଼, ଫିରୋଜ ଖାନ, ସଭାପତି ଗଣ୍ଡ, କାମେଶ୍ୱର ହନ୍ତାଳ, ଅବଦୁଲ ଖାନ, ପ୍ରଦୀପ ଜାଲ, ବସନ୍ତ ନାୟକ, ପଙ୍କଜ କର୍କରା ଓ ଫଗୁ ବଞ୍ଜାରା, ପଙ୍କଜ ପ୍ରଧାନୀ, ବିଶଶେ କୁମାର ତ୍ରିପାଠୀ, ନିରାକାର ପ୍ରଧାନ, ମନୋଜ ବିଶୋୟୀ, ବିଭୂଦତ୍ତ ବିଶୋୟୀ ଓ ଜିଲର ୧୦ଟି ବ୍ଲକ ରୁ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକରେ ଉପସ୍ଥିତ ଥିଲେ।

# ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟକ୍ଷମ ଦାବି

ଗୁଣପୁର,୨୨ା୧(ଡି.ଏନ.ଏ.)

ଗୁଣପୁର-ଥେରୁବାଲି ରେଳପଥକୁ କାର୍ଯ୍ୟକ୍ଷମ କରିବାକୁ ଆନ୍ଧ୍ର ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ସତ୍ୟପ୍ରକାଶ ପଣ୍ଡା ନିବେଦନ କରିଛନ୍ତି। ଏ ନେଇ ସେ ଏକ ଚିଠି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରେରଣ କରିଛନ୍ତି। ଏହି ରେଳପଥର ଲାଭ ଏବଂ ଲୋକଙ୍କ ଉପକାରିତା ଉପରେ ସେ ଚିଠିରେ ଅବଗତ କରିଛନ୍ତି। ଗୁଣପୁର-ଥେରୁବାଲି ନୂତନ ରେଳଲାଇନର ଡିପିଆର କେନ୍ଦ୍ରୀୟ କ୍ୟାବିନେଟର ଅନୁମୋଦନ ତାଥା ନିଷ୍ପତ୍ତି ଅପେକ୍ଷାରେ ରହିଛି। ଏବେ ଓଡ଼ିଶା ସରକାର ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ୧୬୦୦ କୋଟି ଟଙ୍କାର ବ୍ୟବସ୍ଥା କରିବା ସହ ଏକ ଜମି ଅଧିଗ୍ରହଣ ଅଧିକାରୀ ନିଯୁକ୍ତି ମଧ୍ୟ କରିଛନ୍ତି। କେନ୍ଦ୍ରୀୟ କ୍ୟାବିନେଟର ସ୍ୱୀକୃତି ମିଳିବା ପରେ ଜମି ଅଧିଗ୍ରହଣ ହେବ। ଏଥିସହ ଏହି ମାର୍ଗଟି କାର୍ଯ୍ୟକ୍ଷମ ହେଲେ ରାୟଗଡ଼ାଠାରୁ ନୌପଡ଼ା ପର୍ଯ୍ୟନ୍ତ ରେଳରାସ୍ତା ୧୧୫ କିଲୋମିଟର ଦୂରତା ହ୍ରାସ ପାଇବ। ଏଥିସହ ରେଲ୍‌ୱେର ରାଜସ୍ୱ ବୃଦ୍ଧି ହେବ। ଗୁଣପୁର-ନୌପଡ଼ା ମଧ୍ୟରେ ରେଳ ସଂଯୋଗ ହେଲେ ମୁଖ୍ୟତଃ ବନ୍ଦର ସଂଯୋଗ ବ୍ୟତୀତ ଖଣିଜ ପଦାର୍ଥ ଏବଂ ନାଲକୋ ଉତ୍ପାଦ ପରିବହନ ପାଇଁ ଏକ ବିକଳ୍ପ ମାଲ କରିଡର ଭାବରେ ବ୍ୟବହୃତ ହୋଇପାରିବ। ଏହା ଦେଶର ସବୁଠାରୁ ଆଦିମ ଆଧିବାସୀ କ୍ଷେତ୍ର ଦେଇ ରେଳପଥ ଗତି କରିବ। ଯେଉଁଠାରେ ୭୫ ଶତକଡ଼ା ଡଙ୍ଗରିଆ କନ୍ଧ ଏବଂ ଲାଞ୍ଜିଆ ସୌରା ବସବାସ କରୁଛନ୍ତି। ଏହି ରେଳପଥ ହେଲେ ସେମାନଙ୍କର ସାମାଜିକ ଏବଂ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସହାୟକ ହୋଇପାରିବ। ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଆନ୍ଧ୍ର ପ୍ରଦେଶର ଲୋକମାନେ ପ୍ରକଳ୍ପକୁ ସରକାର ଆଗକୁ ନେଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ୨୦୧୭-୧୮ ବଜେଟରେ ୭୯.୧୫ ଦୂରତା ବିଶିଷ୍ଟ ଏହି ରେଳପଥ ସକାଶେ ପାର୍ଲମେଣ୍ଟରେ ମଞ୍ଜୁରି ହୋଇ ବ୍ୟୟ ଅଟକଳ ୯୩୫.୭୨ କୋଟି ରଖାଯାଇଥିଲା। ଏବେ ଏହି ରେଳପଥର ବ୍ୟୟ ଅଟକଳ ୧୩୯୮ କୋଟି ଟଙ୍କାରେ ପହଞ୍ଚିଛି। ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ପ୍ରକଳ୍ପର ଭାଗ୍ୟ ସୁତାଖିଅରେ ରହିଛି। ଏହାକୁ ନେଇ ଜନ ସାଧାରଣଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ରହିଛି। ଏହା ପଛରେ ହୋଇଥିବା ଓଡ଼ିଶାର ବିଭିନ୍ନ ରେଳପଥ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆଗକୁ ବଢ଼ିଥିଲେ ମଧ୍ୟ ଗୁଣପୁର-ଥେରୁବାଲି ରେଳପଥ ନାଲି ଫିତା ତଳେ ପଡ଼ିରହିଛି।

### ମଣ୍ଡି ଅବ୍ୟବସ୍ଥା ନେଇ ଅସନ୍ତୋଷ

ଚିତ୍ରକୋଣ୍ଡା,୨୨ା୧(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବ୍ଲକ ଆରଏସି-୬ଠାରେ ଖୋଲା ଯାଇଥିବା ଧାନ ମଣ୍ଡିରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଛି। ଗୁଣ୍ଡାବେଡା, ଦୋରାଗୁଡା, ନୂଆଗୁଡା, କପାଟୁଟି ପଞ୍ଚାୟତ ପାଇଁ ଆରଏସି-୬ ନମ୍ବର ଗ୍ରାମ ପାଖରେ ଏହି ଧାନ ମଣ୍ଡି ଖୋଲିଛି। ତେବେ ମଣ୍ଡିରେ ମାନମୁଖୀ କାରବାରକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯାଇଥିଲେ ସୁଦ୍ଧା ଠିକ ସମୟରେ ଧାନ ଉଠିପାରୁନାହିଁ। ସପ୍ତାହକୁ ୧୦୦୦ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବାକୁ ଥିବା ବେଳେ ଦୁଇ ସପ୍ତାହରେ ୧୦୦୦ କୁଇଣ୍ଟାଲ ଧାନ ଉଠୁଛି। ଟୋକନ ନମ୍ବର ହିସାବରେ ମଧ୍ୟ ମଣ୍ଡିରୁ ଧାନ ଉଠୁନାହିଁ। ଏପରି ଅବ୍ୟବସ୍ଥା ଯୋଗୁ ଚାଷୀ ଆଣିଥିବା ଧାନ ମଣ୍ଡିରେ ବିକ୍ରି କରି ନ ପାରି ପୁଣି ଘରକୁ ନେଇ ଯାଉଥିବା ଦେଖିବାକୁ ମିଳୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଡମ୍ବ ସମାଜର ବାର୍ଷିକ ଉତ୍ସବ

ଉମରକୋଟ,୨୨ା୧(ସ୍ୱ.ପ୍ର.)

ଉମରକୋଟ ବ୍ଲକ ବେହେଡ଼ା ପଞ୍ଚାୟତ ଅନ୍ତର୍ଗତ ନୁଆଗୁଡ଼ା ପଡିଆରେ ଭୀମରାଓ ଆମ୍ବେଦକର ଡମ୍ବ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଡମ୍ବ ସମାଜର ଉମରକୋଟ ବ୍ଲକ କମିଟି ମଧ୍ୟ ଗଠିତ ହୋଇଛି। ଡମ୍ବ ସମାଜର ମୁଖ୍ୟ ହଳଧର ଦୁର୍ଗା ଉତ୍ସବର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଶରତ ପାଣିଗ୍ରାହୀ ଯୋଗଦେଇ ଡମ୍ବ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, କୁସଂସ୍କାର, ବାଲ୍ୟବିବାହ ଉପରେ ସଚେତନତାକୁ ଗୁରୁତ୍ୱ ଦେଇଥିଲେ। ଜମି, ଜଙ୍ଗଲ, ଜଳ ଜୀବନ, ଜୀବିକା, ଘରଡିହ ପଟ୍ଟା ପ୍ରଦାନ କରିବା, ସରକାରୀ ଯୋଜନାରେ ଏହି ବର୍ଗର ଲୋକଙ୍କୁ ଗୁରୁତ୍ୱ ପ୍ରଦାନ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ହେଇଥିଲା। ଉମରକୋଟ ବ୍ଲକର ନୂତନ କମିଟିରେ ସଭାପତି ରୂପେ ବିମଳ ବାଗ, ଉପସଭାପତି ହଳଧର ନିହାଲ, ସମ୍ପାଦକ ଲାଲଧର ଦୁର୍ଗା, ସହ ସମ୍ପାଦକ ରାଜମଲ ବାଗ, କୋଷାଧ୍ୟକ୍ଷ ଚନ୍ଦନ ଟାକ୍ରୀ, ବ୍ଲକ କମିଟି ସଦସ୍ୟ ପର୍ଶୁରାମ ଜାଲ, ଲକ୍ଷ୍ମଣ ଜଗତ, ପେଣ୍ଡ୍ରା ବାଗ, ଦେବା ଦୁର୍ଗା, ଚରଣ ସିଂ କନ୍ଧପାନ, ସୁନାଧର ସୁନାଙ୍କ ସମେତ ୨୦ ଜଣଙ୍କୁ ମନୋନିତ କରାଯାଇଛି।

# ବଂଶଧାରା ବସନ୍ତ ମହୋତ୍ସବର ପଥ ଉତ୍ସବ




ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଗୁଣପୁର,୨୨ା୧(ଡି.ଏନ.ଏ)

ଜାନୁୟାରୀ ୨୬ରୁ ଏକାଦଶ ତମ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଆରମ୍ଭ ହେବ। ଏହା ପୂର୍ବରୁ ରବିବାର ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିଲାଗି ସମସ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ମେଡିକାର ଛକ ଠାରୁ ହଳଦିଆ ନାଳ ପର୍ଯ୍ୟନ୍ତ ରାସ୍ତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାସ୍ତାରେ ଝୋଟି ସହ ପାରମ୍ପାରିକ ଓଡ଼ିଆ ପିଠାର ପସରା ଜମିଥିଲା। ଅନ୍ୟପଟେ ନୃତ୍ୟ ସଙ୍ଗୀତ ସହଯୋଗ ଆଦି କାର୍ଯ୍ୟକ୍ରମ, କୌତୁକ ପୋଷାକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଜିଆଇଆଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରମୁଖ ଯୋଗଦେଇ କର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ଉପ ସଭାପତି ଉମାଶଙ୍କର ଦାସ, ସମ୍ପାଦକ ମିଲି ପାଢ଼ିଙ୍କ ସମେତ ରାଜେଶ ପାଢ଼ୀ, ନିଖିଲ ପାଢ଼ି,ଚୁନା ମିଶ୍ର, କୈଳାସ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଦୁର୍ଗା ପ୍ରସାଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୋଗ କାର୍ଯ୍ୟକ୍ରମ ହୋଇଥିଲା। ନୃତ୍ୟଗୁରୁ ଦିଲୀପ ଚୌଧୁରି ଏବଂ ସୁରେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱବାଧନାରେ ନୃତ୍ୟ ଏବଂ ବ୍ରାକ୍ ମେଲୋଡି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ମାଛ ଧରିବାକୁ ଯାଇ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଚିତ୍ରକୋଣ୍ଡା, ୨୨ା୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା ପଞ୍ଚାୟତ କାଦଗୁମ୍ମା ଗ୍ରାମର ନିଖୋଜ ମଙ୍ଗରା ପାଙ୍ଗି( ୪୬)ଙ୍କ ମୃତଦେହ ଦୀର୍ଘ ୧୮ ଘଣ୍ଟା ପରେ ଉଦ୍ଧାର ହୋଇଛି। ପୋଲିସ ଏବଂ ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଶନିବାର ପୂର୍ବାହ୍ନ ୧୦ଟାରେ କାଦଗୁମ୍ମା ଗ୍ରାମର ମଙ୍ଗରା ପାଙ୍ଗି ନିଜ ସ୍ତ୍ରୀଙ୍କ ସହ ମିଶି ଏକ ମାଛଧରା ଡଙ୍ଗାରେ ମାଛ ଧରିବାକୁ ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ଯାଇଥିଲେ। ଜଳଭଣ୍ଡାରରେ ମାଛ ଧରୁଥିବା ବେଳେ ମଙ୍ଗରା ଡ଼ଙ୍ଗାରୁ ଖସିପଡି ନିଖୋଜ ହୋଇ ଯାଇଥିଲେ। ପାପରମେଟଲା ପୋଲିସ ଓ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗ ଜଳଭଣ୍ଡାରରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜା ଖୋଜି କରି ମଙ୍ଗରାଙ୍କୁ ପାଇ ନ ଥିଲେ। ରବିବାର ସକାଳୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପୁଣି ତାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ବହୁ ସମୟ ଖୋଜା ଖୋଜି ପରେ ନିଖୋଜ ମଙ୍ଗରାଙ୍କ ମୃତଦେହ ମିଳିଥିଲା। ପାପରମେଟେଲା ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମଅତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପାପରମେଟଲା ଥାନା ଅଧିକାରୀ ମାନସ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଟି.ପଦ୍ମନାଭ ଦୋରାଙ୍କୁ ପଚାରିବାରୁ ସେ କହିଲେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରଙ୍କ ନିୟମ ଅନୁସାରେ ମଙ୍ଗରାଙ୍କ ପରିବାରକୁ ସମସ୍ତ ପ୍ରକାର ସାହାଯ୍ୟ କରାଯିବ।

# କଳାବ୍ୟାଜ୍ ପିନ୍ଧିଲେ କଲେଜ କର୍ମଚାରୀ




ମାଁ ମାର୍କମା କଲେଜ ସମ୍ମୁଖରେ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

ବିଷମକଟକ,୨୨ା୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ମହାବିଦ୍ୟାଳୟ ୬୬୨ ବର୍ଗର ବେସରକାରୀ ଶିକ୍ଷାନୁଷ୍ଠାନ, ମାଁ ମାର୍କମା ସ୍ନାତକ ମହାବିଦ୍ୟାଳୟ ଓ ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟର କର୍ମଚାରୀ ସମାନ କାମକୁ ସମାନ ଦରମା ଦାବି କରି ପ୍ରତିବାଦ କରିଛନ୍ତି। ପାଠପଢ଼ା ଜାରି ରଖିବା ସହ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୧ ତାରିଖରେ କ୍ୟାବିନେଟ ବୈଠକରେ ୬୬୨ ବର୍ଗର କର୍ମଚାରୀଙ୍କୁ ବାଦ ଦେଇ ୪୮ ବର୍ଗଙ୍କୁ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମାନ କାମକୁ ସମାନ ଦରମା ନୀତିରେ ଅନେକ ପାତର ଅନ୍ତରର ସମସ୍ୟା ସୃଷ୍ଟି କରିଛି। ୬୬୨ ବର୍ଗର ରାଜ୍ୟର ସମୂହ କର୍ମଚାରୀଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି କହିଛନ୍ତି। ଜିଲା ସଭାପତି ହୃଷିକେଶ ଜାଲି ଓ ସମ୍ପାଦକ ସଞ୍ଜୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ସମସ୍ତ କର୍ମଚାରୀ ପ୍ରତୀକ ପ୍ରତିବାଦ କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ସମାନ କାମକୁ ସମାନ ଦରମା ଓ ପୁରୁଣା ପେନସନ ଲାଗୁ କରା ନ ଗଲେ ଫେବୃୟାରୀ ୩ରୁ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ସହ ଅନଶନ କରାଯିବ ବୋଲି ଚେତାବନି ଦିଆଯାଇଛି।

# ‘ନାଟକର ସଫଳତାରେ ଦର୍ଶକଙ୍କ ଭୂମିକା’ ଶୀର୍ଷକ ଆଲୋଚନାଚକ୍ର

ନବରଙ୍ଗପୁର,୨୨ା୧(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ମିଶନ ଶକ୍ତି ସଭାଗୃହରେ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଏକ ନାଟ୍ୟ ଆଲୋଚନାଚକ୍ର ନାଟ୍ୟକାର ପ୍ରେମଚାନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ‘ନାଟକର ସଫଳତାରେ ଦର୍ଶକଙ୍କ ଭୂମିକା’ ଶୀର୍ଷକ ଏହି ଆଲୋଚନାଚକ୍ରରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଳାକାର ସଙ୍ଗଠନକୁ ମଜଭୁତ୍ କରିବାକୁ ହେଲେ ପ୍ରତି ମାସରେ ଏଭଳି ଆଲୋଚନାଚକ୍ର କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଆଲୋଚକ ଭାବେ ଡ. ନରେନ୍ଦ୍ର ମିଶ୍ର, ଡ.ସୌରଭ ଗୁପ୍ତା, ନାଟ୍ୟକାର ମନୋଜ ରଥ, ଗୋପାଳ ମହାରଣା, ସୁରେଶ ମହାନ୍ତି, ଦିଲ୍ଲୀପ ହୋତା, ମଣିଦୀପା ଗୁପ୍ତା ଅଂଶଗ୍ରହଣ କରି ମଞ୍ଚ ନାଟକର ବିଭିନ୍ନ ଦିଗ ଏବଂ ଏଥିରେ ଦର୍ଶକଙ୍କ ଭୂମିକା ଉପରେ ନିଜ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ନିର୍ଦ୍ଦେଶକ ପ୍ରକାଶ ସାମନ୍ତରାୟ, ଅସିତ ଦେଓ, ଜଗନ୍ନାଥ ରାଉତ, ଗୋକୁଳ ଚନ୍ଦ୍ର ଖଡଙ୍ଗା, ଈଶ୍ୱର ପାତ୍ର, ଅଶୋକ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ମନୋଜ ପଟନାୟକ ଉପସ୍ଥିତ ଥିଲେ। ତ୍ରିଧାରା ନାଟ୍ୟ ସଂଘର ଫେସବୁକ ନାଟକର ସମସ୍ତ କଳାକାରମାନଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହରର ୪ଜଣ ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟକାର ଜଗନ୍ନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ସାମିଲ ହୋଇଥିବା କଳାକାରମାନେ ।

# ପ୍ରମିଳା-ଭାସ୍କର ସାକ୍ଷାତ୍ ଆଲୋଚନା, ଚିନ୍ତାରେ ବିରୋଧୀ

ରାୟଗଡ଼ା,୨୨ା୧(ସ୍ୱ.ପ୍ର.)

ମନ୍ତ୍ରୀ ପ୍ରମିଳା ମଲିକ ପୂର୍ବତନ ଏମ୍‌ପି ଏନ. ଭାସ୍କର ରାଓଙ୍କ ଘରକୁ ଯିବା ବିଜେଡ଼ିର ଭାସ୍କର ବିରୋଧୀ ଗୋଷ୍ଠୀଙ୍କୁ ଚିନ୍ତାରେ ପକାଇଛି। ପ୍ରମିଳା ସେଠାକୁ କାହିଁକି ଗଲେ ଏବଂ ଭାସ୍କରଙ୍କ ସହିତ କଣ ଆଲୋଚନା କଲେ ସେନେଇ ବିରୋଧୀ ଖୋଳତାଡ ଆରମ୍ଭ କରିଛନ୍ତି।

ଚଇତି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରବିବାର ସକାଳେ ରାୟଗଡ଼ାରେ ମନ୍ତ୍ରୀ ପ୍ରମିଳା ପହଞ୍ଚିଥିଲେ। ସେ ସର୍କିଟ ହାଉସରେ କିଛି ସମୟ କଟାଇ ଭାସ୍କରଙ୍କ ଘରକୁ ଯାଇଥିଲେ । ଭାସ୍କରଙ୍କ ଘରକୁ ଯାଇ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଦଳୀୟ ସଂଗଠନକୁ ମଜଭୁତ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜେଡ଼ିର ରଣନୀତି ପ୍ରସ୍ତୁତିରେ ଭାସ୍କରଙ୍କୁ ସାମିଲ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଅବିଭକ୍ତ କୋରାପୁଟ ଜିଲାରେ ବିଜେଡ଼ି କିଭଳି ଭଲ



ମନ୍ତ୍ରୀ ପ୍ରମିଳା ମଲିକ ଓ ପୂର୍ବତନ ଏମ୍‌ପି ଏନ୍. ଭାସ୍କର ରାଓ ଆଲୋଚନା କରୁଛନ୍ତି ।

ପ୍ରଦର୍ଶନ କରିବ ସେ ନେଇ ଭାସ୍କରଙ୍କ ସହ ଆଲୋଚନା କରିଥିବା ଆଲୋଚନା ହେଉଛି। ଭାସ୍କର ଓ ପ୍ରମିଳାଙ୍କ ଆଲୋଚନା ବେଳେ ସେଠାରେ କୌଣସି ଜିଲାସ୍ତରୀୟ ନେତା ଉପସ୍ଥିତ ନ ଥିଲେ। ଭାସ୍କରଙ୍କୁ ବିଜେଡ଼ି କିଛି ଗୁରୁ ଦାୟିତ୍ୱ ଦେବାକୁ ଯାଉଛି । ଯାହାର ମାଧ୍ୟମ ସାଜିଛନ୍ତି ମନ୍ତ୍ରୀ ପ୍ରମିଳା ମଲିକ ବୋଲି ଶୁଣିବାକୁ ମିଳୁଛି। ଏନେଇ ଭାସ୍କର ବିରୋଧୀ ଗୋଷ୍ଠୀ ଚିନ୍ତାରେ ପଡିଛନ୍ତି। ଦଳରେ ପଦପଦବୀ ଲୋଭରେ କେତେକ ୨୦୧୯ରୁ ଭାସ୍କରଙ୍କୁ କୋଣଠେସା କରିବାକୁ ଉଦ୍ୟମ ଚଳାଇଛନ୍ତି । ଭାସ୍କର ଦଳ ବିରୋଧରେ ପ୍ରଚାର କରୁଥିବା ମିଛ ଖବର ପ୍ରଚାର କରି ତାଙ୍କୁ ଦଳରେ ଅଣଦେଖା ପାଇଁ ଷଡ଼ଯନ୍ତ୍ର ଚାଲିଛି । ଏସବୁର ସତ୍ୟତା ପରଖିବା ସହ ସମାଧାନ ପାଇଁ ହୁଏତ ପ୍ରମିଳା ଭାସ୍କରଙ୍କୁ ଭେଟିଥିବା କୁହାଯାଉଛି। ସେହିପରି ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମଧ୍ୟ ସଂନ୍ଧ୍ୟାରେ ଭାସ୍କରଙ୍କୁ ଘରକୁ ଯାଇଥିବା ସୂଚନା ମିଳିଛି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ନେଇ ଏହି ଦୁଇ ମନ୍ତ୍ରୀ ଭାସ୍କରଙ୍କ ସହ ଆଲୋଚନା କରିଥିବା କେତେକ କର୍ମୀ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ମନ୍ତ୍ରୀ ପ୍ରମିଳାଙ୍କ ଉପସ୍ଥିତିରେ ଭାସ୍କର ଏବଂ ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ଫୋନରେ ମଧ୍ୟ କଥାବାର୍ତ୍ତା ହୋଇଛି। ରାଜନୀତିରେ ଅବିଭକ୍ତ କୋରାପୁଟ ଜିଲାର ପିତାମହ ଭୀଷ୍ମ, ଚାଣକ୍ୟ ଆଦି ଆଖ୍ୟା ପାଇଥିବା ଭାସ୍କର ବିରୋଧୀଙ୍କ କଥାରେ କୌଣସି ପ୍ରତିକ୍ରିୟା ନ ଦେଇ ଦଳ ପାଇଁ ସର୍ବଦା ନିଷ୍ଠାପର ସହ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କୁ ଯେତେବେଳେ ଯେଉଁ ଦାୟିତ୍ୱ ମିଳିଛି ସେ ନିଷ୍ଠାର ସହ ସମ୍ପାଦନ କରିଛନ୍ତି । ଗତ ପୌର ନିର୍ବାଚନରେ ସେ ରାୟଗଡ଼ାର ୨୧ କାଉନସିଲର ଏବଂ ପୌରାଧ୍ୟକ୍ଷ ଆସନରେ ବିଜେଡ଼ିକୁ ବିଜୟୀ କରିଥିଲେ । ଏନେଇ ଭାସ୍କରଙ୍କୁ ପଚାରିବାରୁ ସେ କହିଥିଲେ, ସେମିତି କିଛି ନାହିଁ । ମନ୍ତ୍ରୀ ପ୍ରମିଳାଙ୍କ ସହ ୩୦ ବର୍ଷର ସମ୍ପର୍କ । ବ୍ୟକ୍ତିଗତ ଭାବେ ତାଙ୍କର ଏହି ସାକ୍ଷାତ ସୌଜନ୍ୟମୂଳକ ଥିଲା । ମୁଁ ସବୁବେଳେ ବିଜେଡ଼ିରେ ଅଛି, ଦଳ ପାଇଁ କାମ କରୁଛି ଆଉ କରୁଥିବି ବୋଲି ଭାସ୍କର କହିଥିଲେ।

## ସଂକ୍ଷେପରେ

### ଯାତ୍ରୀବାହୀ କମାଣ୍ଡର ଓଲଟି ୧୪ ଆହତ

ନାରାୟଣପାଟଣା,୨୨।୧(ଡି.ଏନ.ଏ.)- ସାପ୍ତାହିକ ହାଟ କରି ଘରକୁ ଫେରୁଥିବା ବେଳେ ରବିବାର ଭାରସାମ୍ୟ ହରେଇ ନାରାୟଣପାଟଣା-ପୋଡାପଦର ରାସ୍ତାରେ ଏକ କମାଣ୍ଡର ଜିପ୍ ଓଲଟି ପଡ଼ିଛି। ଏଥିରେ ୧୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରାହ୍ନ ସାଢେ ୪ଟା ବେଳେ ନାରାୟଣପାଟଣାରୁ ସାପ୍ତାହିକ ହାଟ ସାରି ଏକ ଯାତ୍ରୀବାହୀ କମାଣ୍ଡରରେ ତଳଗୁମାଣ୍ଡି ପଞ୍ଚାୟତ ଭିତରପଡା ଗ୍ରାମକୁ ଯାତ୍ରୀମାନେ ଫେରୁଥିଲେ ଯାତ୍ରୀ। ପୋଡାପଦରଠାରୁ ଅଳ୍ପବାଟ ଯିବା ପରେ ଭାଲିଆପୁଟ ରାସ୍ତାରେ କମାଣ୍ଡରଟି ଭାରସାମ୍ୟ ହରାଇ ଏକ ବିଲ ଭିତରକୁ ପଶିଯାଇଥିଲା । ଏକ ମାଟି ଗଦାରେ ଚଢି ଓଲଟିଯିବାରୁ ସେଥିରେ ଥିବା ସମସ୍ତ ଯାତ୍ରୀ ତଳକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ୧୦୮କୁ ବାରମ୍ବାର ଫୋନ କରିଥିଲେ। ୧୦୮ ନ ମିଳିବାରୁ ଲୋକେ ଅନ୍ୟ ଗାଡ଼ି କରି ଆହତଙ୍କୁ ମେଡିକାଲ ପଠାଇଥିଲେ । ଗୁରୁତର ଥିବା ସାନ୍ଦରା ହିରେଡିକାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ନାରାୟଣପାଟଣାରେ ଚିକିତ୍ସା କରାଯାଉଥିବା ଡାକ୍ତର ସୁଜିତ ନାୟକ କହିଛନ୍ତି।

### ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ ମାମଲାରେ ୨ ଗିରଫ

ଜୟପୁର, ୨୨।୧ (ନି.ପ୍ର.)- ଏକ ଡକାୟତି ମାମଲାରେ ଜୟପୁର ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଡ଼ପଦର ଗ୍ରାମର ଅଜୟ ହରିଜନ ଓ ଡମ୍ବୁର ବେନିଆ। ଗତ ୧୪।୧୦।୨୨ରେ ମଧ୍ୟପ୍ରଦେଶର ବୁଲା ବେପାରୀ ଜୟପାଲ ବଞ୍ଜାରା ମାଲକାନଗିରି ଜିଲା ଗୋବିନ୍ଦପାଲିରୁ ବାଇକ୍ ଯୋଗେ ଜୟପୁର ଆସୁଥିବା ବେଳେ ଏକ ୭ ଜଣିଆ ଡକାୟତି ଟିମ୍ ପାତ୍ରପୁଟ ନିକଟରେ ତାଙ୍କୁ ଅଟକାଇ ନିକଟସ୍ଥ ଜଙ୍ଗଲକୁ ନେଇ ଧମକଚମକ ଦେଇ ପ୍ରଥମେ ତାଙ୍କଠାରୁ ୭ ଶହ ଟଙ୍କା ନେବା ସହ ଫୋନ ପେ ମାଧ୍ୟମରେ ୮ ହଜାର ୮ ଶହ ଟଙ୍କା ନେଇଥିଲେ। ପରେ ତାଙ୍କୁ ତୋ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଦାବି କରି ହତ୍ୟା ଧମକ ଦେଇଥିଲେ। ବ୍ୟବସାୟୀ ଜୟପାଲ ତାଙ୍କ ଭାଇଙ୍କୁ ଫୋନ କରି ୪୦ ହଜାର ଟଙ୍କା ମଗାଇଥିଲେ। ପରେ ଡକାୟତମାନେ ଫୋନ ପେ'ରେ ଉକ୍ତ ଟଙ୍କା ନେଇ ଜୟପାଲଙ୍କୁ ଛାଡିଥିଲେ । ଏନେଇ ବ୍ୟବସାୟୀ ଜୟପାଲ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସେବେଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ରବିବାର ଉପରୋକ୍ତ ୨ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇ ପୋଲିସ ସେମାନଙ୍କୁ ଗିରଫ କରିଛି। ଏଥିରେ ଜଡିତ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ। ଗିରଫ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ ଫୋନ,୨ଟି ବାଇକ ଜବତ ହୋଇଛି। ଗିରଫ ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଚିତ୍ରକୋଣ୍ଡା,୨୨।୧(ଡି.ଏନ.ଏ.)- ଆସନ୍ତା ୨୬ ତାରିଖରେ ପାଳିତ ହେବ ୭୪ତମ ସାଧାରଣତନ୍ତ୍ର ଦିବସ। ଏନେଇ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ସଭାପତିତ୍ୱ କରିଥିଲେ। ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି. ପଦ୍ମନାଭ ଦୋରା, ସହାୟକ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତି ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ହୋଇଥିଲା । ୩ଟି ଗ୍ରୁପ୍‌ରେ ସିନିୟର, ସବ୍ ଜୁନିୟର ଏବଂ ଜୁନିୟର ବିଭାଗରେ କୁଇଜ, ଡିବେଟ୍, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ଚଳିତ ବର୍ଷ ମିନି ଷ୍ଟାଡିୟମ ପଡିଆରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ୨୫୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେବାକୁ ସ୍ଥିର କରାଯାଇଥିଲା। ବୈଠକ କାର୍ଯ୍ୟକ୍ରମକୁ ଜିପିଓ ହେମନ୍ତ ଭୂୟାଁ, କନିଷ୍ଠଯନ୍ତ୍ରୀ ନୟନ ସରକାର, ଏପିଓ ଉଛବ ଗିରି ପରିଚାଳନା କରିଥିଲେ ।

# 'ମହୋତ୍ସବକୁ ଆହୁରି ବ୍ୟାପକ ପାଇଁ ପ୍ରୟାସ କରାଯିବ'

## ଚଇତି ଉଦ୍‌ଯାପିତ

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୨୨।୧

କଳା ଓ ସଂସ୍କୃତିର ମିଳନସ୍ଥଳୀ ହେଉଛି ଲୋକ ମହୋତ୍ସବ। ଏହି ମଞ୍ଚରେ ବିଭିନ୍ନ ରାଜ୍ୟ ଓ ଦେଶର କଳାକାରଙ୍କ ମଧ୍ୟରେ କଳା ଓ ସଂସ୍କୃତିର ଆଦାନ ପ୍ରଦାନ ହେଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲିକ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ରବିବାର ଚଇତି ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେହିପରି ମହୋତ୍ସବକୁ ଆହୁରି ବ୍ୟାପକ କରିବାରେ ରାଜ୍ୟ ସରକାର ଆବଶ୍ୟକ ସହାୟତା ପ୍ରଦନ କରିବେ ବୋଲି ଦୁଇ ମନ୍ତ୍ରୀ କହିଛନ୍ତି।

ଚଇତି ସାଙ୍ଗକୁ ପଲ୍ଲିଶ୍ରୀ ମେଳା ମଧ ଅତିସୁନ୍ଦର ହୋଇଥିବା ଅତିଥିମାନେ ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଏହାଦ୍ୱାରା ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରିର ସୁବିଧା ପାଇବା ସହ ଆତ୍ମନିର୍ଭରଶୀଳ ହୋଇପାରୁଥିବା କହିଛନ୍ତି। ମହୋତ୍ସବରେ ସମ୍ମାନିତ ଅତିଥି ରୂପେ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା,ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର କୁମାର ଦାସ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ପଛୁଆ ଜାତି ବିକାଶ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଆଦିବାସୀ ସଂସ୍କୃତି ବିଶ୍ୱରେ ନିଆରା ବୋଲି ପ୍ରକାଶ କରିଥିଲେ। ଉଦ୍‌ଯାପନି ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭାରତୀ ନୃତ୍ୟ ଏକାଡେମୀର ଓଡ଼ିଶୀ ଓ ରାୟଗଡ଼ା ସ୍ଥିତ ଝଞ୍ଜାବତୀ କଳା ପରିଷଦ କଳାକାରଙ୍କ ଆଦିବାସୀ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିଭଳି କଳାହାଣ୍ଡି ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସିଙ୍ଗାରୀ ନୃତ୍ୟ ସହ ଜାତୀୟ ସ୍ତରୀୟ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଭିକି ହଜାରିକା ଗ୍ରୁପ୍‌ର ବିହୁ, ସୁପର ମମ୍ ଗ୍ରୁପ୍‌ର ମରାଠା କଳା, ଗୀତା ପରିବାରର ଭାରତ ନାଟ୍ୟମ୍‌ରେ ମଞ୍ଚ ଦୁଲୁକିଥିଲା। ଶେଷରେ ଓଲିଉଡ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ହାସ୍ୟ ଅଭିନେତା ବୋଲଗଡ଼ ଏକ୍ସପ୍ରେସ ପ୍ରମୁଖ ଆକର୍ଷଣ ଥିଲେ। ରବିବାର ହୋଇଥିବାରୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଉଦଯାପନି କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱଧା ଦେବ ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଇତିରେ ଜିଲା ସଂସ୍କୃତି ପରିଷଦକୁ ସମସ୍ତ କାର୍ଯ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗ କରିଥିଲା। ଡିଆଇପିଆରଓ ବସନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଭାଗର ରାମଚନ୍ଦ୍ର ପାତ୍ର, ପିତବାସ ବିଶ୍ୱାଳ, କୁମୁଦିନୀ ମିଶାଲ, ଡମ୍ବରୁଧର ପଣ୍ଡା, ଶ୍ରୀକାନ୍ତ, ସମ୍ରାଟ ସାହୁ ଏବଂ ରାଜେନ୍ଦ୍ର ଦୋରା ପ୍ରମୁଖ ସହଯୋଗ କରିଥିଲେ ।


ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ମାନିତ ହୋଇଥିବା ଅତିଥିମାନେ ।

# ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ବନ୍ଧୁମାନେ ।

ଜୟପୁର, ୨୨।୧(ନି.ପ୍ର.)

କୋରାପୁଟ ଜିଲା ଜୟପୁର ଚନ୍ଦନବାଡ଼ ହାଇସ୍କୁଲର ୧୯୮୩ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରଡ଼ିପୁଟଠାରେ ରବିବାର ଅନୁଷ୍ଠିତ ହୋଇଛି। ଦୀର୍ଘ ୪୦ ବର୍ଷ ପରେ ସମସ୍ତେ ଏକତ୍ରିତ ହୋଇଥିବାରୁ ଖୁସି ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ବେଢା ପରିସର ସଫା କରାଯାଇଥିଲା । ଗୋରାପାଲି ନାଗାରାଜୁ, ପ୍ରଦୀପ୍ତ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବନ୍ଧୁମିଳନରେ ଲାଞ୍ଜିଗଡ ବ୍ଲକ ଧରିତ୍ରୀ ପ୍ରତିନିଧି ରମେଶ ଚନ୍ଦ୍ର ନାୟକ, ଗୁରୁଗୋବିନ୍ଦ ପାଳ, ରାମେଶ୍ୱର ସାହୁ, ହରିଶ ଚନ୍ଦ୍ର ପାଇକରାୟ, ରବୀନ୍ଦ୍ର ଦାସ, ସୁଦାମ ଶତପଥୀ, ଶରତ ବେହେରା, ସୁବାସ କୋଟା, ଲକ୍ଷ୍ମୀକାନ୍ତ ମିଶ୍ର, ସନ୍ତୋଷ ପଟ୍ଟନାୟକ, ପ୍ରଶାନ୍ତ ପାଢ଼ୀ, ସଚ୍ଚିଦାନନ୍ଦ ପଣ୍ଡା, ସୁରେଶ ଚନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର ପାଢ଼ୀ, ସୁଶାନ୍ତ ଦାସ, ପ୍ରଶାନ୍ତ ମହାପାତ୍ର, ସଚ୍ଚିଦାନନ୍ଦ ପଣ୍ଡା, ଶ୍ରୀନିବାସ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ଏସ.ସତୀଶ ରାଓ, କେଶବ ସ୍ୱାଇଁ, ଜଗଦ୍ଦିଶ ପଟ୍ଟନାୟକ, ସତ୍ୟ ନାରାୟଣ ପଣ୍ଡା, ଗଣେଶ ସାହୁ, ମନୋଜ ପାତ୍ର, ଗିରିଜା ଶଙ୍କର ଦାସ, ବିନାୟକ ମହାପାତ୍ର, ସୁକାନ୍ତ ତ୍ରିପାଠୀ, ପ୍ରଦୀପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏକ ପ୍ରତିଯୋଗିତା କରି ଲଟେରି ମାଧ୍ୟମରେ ପ୍ରଥମ ଶରତ ବେହେରା, ଦ୍ୱିତୀୟ ସୁଦାମ ଶତପଥୀ ଏବଂ ତୃତୀୟ କେଶବ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ୧୩ ଉତ୍ତୀର୍ଣ୍ଣ


ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ।

ଦାମନଯୋଡ଼ି,୨୨।୧(ଡି.ଏନ.ଏ. )

କୋରାପୁଟ ଜିଲାର ସମସ୍ତ ଉତ୍କଳ କରାଟେ ସ୍କୁଲ ଶାଖାର ବେଲ୍ଟ ଗ୍ରେଡିଂ ନାଲ୍‌କୋ ସହରାଞ୍ଚଳରେ ଥିବା ନାଲକୋ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ସମଗ୍ର ଜିଲାରୁ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ଲାକବେଲ୍ଟ ପରୀକ୍ଷାରେ ୧୩ ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଛନ୍ତି । ବ୍ଲାକବେଲ୍ଟ ପାଇଥିବା ବିଦ୍ୟାର୍ଥୀମାନେ ହେଲେ ପ୍ରଦୀପ ମଲ୍ଲିକ, ଶୁଭ୍ରାଂଶୁ ଦାସ, ଅଜିତ ଶତପଥୀ, ଯୋଗେନ୍ଦ୍ରନାଥ ତରାଇ, ରୋଶନ ତ୍ରିପାଠୀ, ମୋହିତା ପ୍ରଭଲିକା, ସାଦର ମୁର୍ମୁ, ମହେଶ୍ୱର ବାରିକ, ଧ୍ରୁବ ଦୋରା, ଏସଭି ସାଇ ଆର୍ଯ୍ୟମାନ, ସ୍ୱୟମ ପ୍ରକାଶ ରଥ, ପ୍ରଶଂସା ରଥ, ଏସଭି ସାଇ ଆୟୁଷ୍ମାନ । ଅନ୍ୟାନ୍ୟ କଲର ବେଲ୍ଟ ଗ୍ରେଡିଂରେ ସମସ୍ତ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାଂସି ହରିପ୍ରସାଦ ପଟ୍ଟନାୟକ ମୁଖ୍ୟ ପରୀକ୍ଷକ ଭାବେ ଯୋଗଦେଇଥିଲେ। ଗ୍ରୁପ ଜେନେରାଲ ମ୍ୟାନେଜର ଏଚଆଣ୍ଡଏର ଅମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଜିଏମ୍ ସିଭିଲର ଜିତେନ୍ଦ୍ର ନାହାକ, ଦାମନଯୋଡି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ଜାତୀୟ କୋଚ ମହେଶଚନ୍ଦ୍ର ବରାଳ, ସନ୍ଦୀପ ମହାନ୍ତି, ଦୁର୍ଗାପ୍ରସାଦ ରଥ, ତ୍ରିନାଥସିଂ ଲାଲ, ରାଜେନ୍ଦ୍ର କେଶରୀ ସାମଲ ଓ ତପନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର.କେ. ବାଳିକା ଉଚ୍ଚ ବିଦ୍ୟାଳୟରେ ମହିଳା ସମ୍ମିଳନୀ

ସେମିଲିଗୁଡା/ ସୁନାବେଡା,୨୨।୧ (ସ୍ୱ.ପ୍ର.)

ଆର.କେ. ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କୁ ନେଇ ପ୍ରଥମ ମହିଳା ସମ୍ମିଳନୀ ଓଷ୍ଟା ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଓଷ୍ଟାର ଉପସଭାପତି ଲୀଳାବତୀ ପଟ୍ଟନାୟକ ମୁଖ୍ୟଅତିଥି ଓ ରାଜ୍ୟ ସମ୍ପାଦିକା ଯୁଗପ୍ରଭା ସାବତ ମୁଖ୍ୟବକ୍ତା, ପୂର୍ବତନ ଯୁଗ୍ମ ସାଧାରଣ ସମ୍ପାଦକ ପଞ୍ଚାନନ ଗୌଡ଼ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କୋରାପୁଟ ଜିଲା ସାଧାରଣ ସମ୍ପାଦକ ଅଶୋକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି ରାମକୃଷ୍ଣ ସାବତ, ପୂର୍ବତନ ଜିଲା ସଭାପତି ବଳଭଦ୍ର ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ବିଜୟ ଭଞ୍ଜ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତିଲୋତ୍ତମା କନ୍ଧପାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ବୈଦ୍ୟ ଉପସ୍ଥିତ ଥିଲେ। ଏକ ସମୃଦ୍ଧ ସମାଜ ଗଠନରେ ଏହି ମହିଳା ସମ୍ମିଳନୀ ସହାୟକ ହେବ। ନାରୀମାନଙ୍କର ଅର୍ଥନୈତିକ ମାନଦଣ୍ଡରେ ଉନ୍ନତି, ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ, ବାଳିକା ଶିକ୍ଷାର ପ୍ରଚାରପ୍ରସାର, ଅନ୍ଧବିଶ୍ୱାସ, ଭେଦଭାବ ଦୂରକରି ଏକ ସମାନ୍ତରାଳ ସମାଜ ଗଠନ ଲାଗି ଅତିଥିମାନେ ଆହ୍ୱାନ ଦେଇଥିଲେ। ଓଷ୍ଟାର ଜିଲା ସଭାପତି ସୁଶାନ୍ତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥି ।

# ଅବକାରୀ ଚଢାଉ, ୨ଗିରଫ

ମାଥିଲି, ୨୨।୧(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ଅଞ୍ଚଳରେ ରବିବାର ଦେଶୀ ମଦ ପ୍ରସ୍ତୁତ ବେଳେ ଅବକାରୀ ବିଭାଗ ଚଢାଉ କରି ବିପୁଳ ପରିମାଣରେ ଦେଶୀ ମଦ, ପୋଚ ଓ ବିଭିନ୍ନ ଉପକରଣ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ସୋନୁ ପୂଜାରୀ ଓ ଭଗତ ଚାଲାଣ। ବୁଟୁପାଲି ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ସୂଚନା ପାଇ ମାଥିଲି ଅବକାରୀ ଉପ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସେଠାରେ ଚଢାଉ କରିଥିଲେ।

# ଏଟିଏମ୍ ଭାଙ୍ଗି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ଉମରକୋଟ/ଧୋଡ୍ରା, ୨୨।୧ (ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଧୋଡ୍ରା ଗ୍ରାମ ମୁଖ୍ୟରାସ୍ତା ସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ଶନିବାର ରାତିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ କଳାରଙ୍ଗ ସ୍ପ୍ରେ କରି ଟଙ୍କା ନେଇଯାଇଛନ୍ତି। ଧୋଡ୍ରା ମୁଖ୍ୟରାସ୍ତାରେ ଲାଗିଥିବା ସମସ୍ତ କ୍ୟାମେରା ଯାଞ୍ଚକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏଟିଏମ୍ ଭାଙ୍ଗିଥିବା ନେଇ ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ନବରଙ୍ଗପୁରର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିବା ଉମରକୋଟ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ସୂଚନା ଦେଇଛନ୍ତି। ଏ ନେଇ ୧୯/୨୩ ରେ ଏକ ମାମଲା ରୁଜୁ କରାଯାଇଛି। କେତେଜଣ ଶିକ୍ଷିତ ବ୍ୟକ୍ତି ଏହି ଲୁଟ୍‌ରେ ସାମିଲ ଥିବା ପୋଲିସ ଅନୁମାନ କରୁଛି। ପୂର୍ବରୁ ମଧ ଉମରକୋଟ ସହରରେ ୬ ଦୋକାନରେ ଚୋରି ହୋଇଥିବାବେଳେ ଏବେ ଏଟିଏମ୍‌ରୁ ଟଙ୍କା ଲୁଟ୍ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।



# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଜୟପୁର, ୨୨।୧(ନି.ପ୍ର.)

ଜୟପୁର ନେହେରୁ ନଗରସ୍ଥିତ ଅଗ୍ରସେନ ଭବନଠାରେ ରବିବାର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି । ସର୍ବଭାରତୀୟ ମାରୱାଡି ଯୁବା ମଞ୍ଚ ଜୟପୁର ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିଥିଲେ। ମାରୱାଡି ଯୁବା ମଞ୍ଚ ପକ୍ଷରୁ ରସୋନ ଗୋୟାଲ, ବିକ୍ରମ ଜୈନ, ବରୁଣ ଜୈନ, ସଞ୍ଜୟ ଅଗ୍ରୱାଲ, କାହ୍ନା ଅଗ୍ରୱାଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ପୂର୍ବତନ ଉପାଧକ୍ଷ ସୂର୍ଯ୍ୟନାରାୟଣ ରଥ, ସୁବାସ ରାଉତ, ହିମାଂଶୁ ମହାପାତ୍ର, ପ୍ରକାଶ ନାୟକ, ରାଜପାଲ ଖୁରାନା ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ରୋଗୀ ଦେଖୁଛନ୍ତି ଡାକ୍ତର ।

# ଅନାଥ ପିଲାଙ୍କୁ ମାର୍ଶାଲ ଆର୍ଟ ଶିକ୍ଷା ଦେଉଛନ୍ତି ବିନାଶ


ସୋମାନି ପରିବାର ପକ୍ଷରୁ ପିଲାଙ୍କ ପାଇଁ ପ୍ରଦାନ କରାଯାଇଥିବା ସାମଗ୍ରୀ।

ମାଲକାନଗିରି, ୨୨।୧ (ଡି.ଏନ.ଏ.)

ମାଲକାନଗିରି ଜିଲାରେ କିଛି ଅସହାୟ ଓ ଅନାଥ ଶିଶୁଙ୍କୁ ନେଇ ମାର୍ଶାଲ ଆର୍ଟ ଶିଖାଉଛନ୍ତି ସାମାଜିକ କର୍ମୀ ବିନାଶ ମିଶ୍ର। ମାଲକାନଗିରି ଭଳି ଅଞ୍ଚଳରେ ମା'ବାପାଙ୍କୁ ହରାଇ ଏହିପିଲା ମାନେ ବିଭିନ୍ନ ସମସ୍ୟାରେ ଦିନ କାଟୁଥିବା ବେଳେ ସାମାଜିକ କର୍ମୀ ମିଶ୍ର ଏହି ପ୍ରତିଭାବାନମାନଙ୍କୁ ଖୋଜି ବାହାର କରିଥିଲେ। ନିଜସ୍ୱ ଉଦ୍ୟମରେ ଆଓମା ଗୁରୁକୁଳ ପ୍ରତିଷ୍ଠା କରି ସେ ଏହି ଶିଶୁମାନଙ୍କୁ ଆଣି ନିଜ ପାଖରେ ରଖିବା ସହ ସେମାନଙ୍କ ପାଠପଢା, ଖାଇବା ଓ ରହିବା ବ୍ୟବସ୍ଥା କରିଛନ୍ତି। ଅଲ୍ ଓଡିଶା ମାର୍ଶାଲ ଆର୍ଟ ଏକାଡେମୀ ମାଧ୍ୟମରେ ଏହି ଶିଶୁ ମାନଙ୍କୁ ଜୁଡୋ ଓ ମାର୍ଶାଲ ଆର୍ଟ ଶିକ୍ଷା ଦେଉଛନ୍ତି। ଏହି ଶିଶୁମାନଙ୍କ ମଧ୍ୟରୁ ଅନେକ ଟିଭିରେ ମଧ ନିଜ କଳା ପ୍ରଦର୍ଶନ କରିଛନ୍ତି। ପିଲାଙ୍କ ସଫଳତାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାର ଜଣେ ବ୍ୟବସାୟୀ ସୋମାନି ପରିବାର ପକ୍ଷରୁ ଏହି ଅନାଥ ପିଲାମାନଙ୍କ ପାଇଁ କିଛି ଜୁଡୋ ମେଟ୍ ପ୍ରଦାନ କରିଛନ୍ତି। ଏହା ପିଲାମାନଙ୍କ ପାଇଁ ଜୁଡୋ ମାର୍ଶାଲ ଆର୍ଟ ଶିଖିବାରେ ସହାୟକ ହେବ। ଏହି ପିଲାମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍ତମ ପ୍ରଦଶନ କରି ଆସୁଥିବା ବେଳେ ସେମାନଙ୍କୁ ସୋମାନି ପରିବାର ଆଗକୁ ବଢ଼ିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଏହି କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ଭାବେ ଅକ୍ଷୟ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏଭଳି ସ୍ଥିତିରେ ତାଙ୍କୁ ସରକାରୀ ଓ ସହୃଦୟବାନ ବ୍ୟକ୍ତିଙ୍କ ସହାୟତା ମିଳିଲେ ଏହି ଅନାଥ ପିଲାମାନେ ରାଜ୍ୟ ତଥା ଜିଲା ପାଇଁ ଆଗାମୀ ଦିନରେ ଗୌରବ ଆଣିପାରିବେ ବୋଲି ମତ ପ୍ରକାଶ ପାଉଛି।

# ନାଲ୍‌କୋ ଆନ୍ତଃବିଭାଗୀୟ କ୍ରିକେଟ: ମେକାନିକାଲ ଦଳ ଚାମ୍ପିୟନ

ଦାମନଯୋଡି,୨୨।୧(ଡି.ଏନ.ଏ.)

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ ପକ୍ଷରୁ ସେକ୍ଟର-୨ସ୍ଥିତ ଷ୍ଟାଡିୟମରେ ଗତ ୧୩ରୁ ଚାଲିଥିବା ଆନ୍ତଃବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ମେକାନିକାଲ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମେକାନିକାଲ ଟିମ୍ ବିପକ୍ଷ ଏସ୍‌ପିପି ଟିମ୍‌କୁ ଭେଟିଥିଲା। ମେକାନିକାଲ ଟିମ୍ ଏସ୍‌ପିପିକୁ ଏକ ଉଇକେଟରେ ପରାସ୍ତ କରିଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପିପି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରୁ ୨୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ କରିଥିଲା। ୧୦୮ ରନ୍‌ର ପିଛା କରି ମେକାନିକାଲ ଟିମ୍ ୨୪.୪ ଓଭରରେ ୯ ଉଇକେଟ ହରାଇ ୧୧୧ ରନ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାଢୀ ମୁଖ୍ୟ ଅତିଥି ଏବଂ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ହରପ୍ରସାଦ ଦାଶ, ନିହାର ରଞ୍ଜନ ମହାନ୍ତି, ଅମରେନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ସାମଲ ଓ ହିମାଂଶୁ ଶେଖର ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ଅତିଥି ପାଢୀ ନିଜ ବକ୍ତବ୍ୟରେ କଳା, ସଂସ୍କୃତି ଓ କ୍ରୀଡ଼ାକୁ ନାଲ୍‌କୋ ସର୍ବଦା ପ୍ରୋତ୍ସାହନ ଦେଇ ଆସୁଥିବା କହିଥିଲେ। ଏଥି ସହିତ ଏହି ଷ୍ଟାଡିୟମକୁ ଏକ ଆନ୍ତର୍ଜାତୀୟ ମାନର ଷ୍ଟାଡିୟମ କରିବାକୁ ସେ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ଅବସରରେ ମେକାନିକାଲ ଦଳକୁ ବିଜେତା ଟ୍ରଫି ସହିତ ଏସପିପି ଦଳକୁ ରନର୍ସ ଅପ ଟ୍ରଫି ଏବଂ ଟୁର୍ନାମେଣ୍ଟର ପ୍ରତି ମ୍ୟାଚ ପାଇଁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରାହୁଲ କୁମାରଙ୍କୁ ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ସହ ପ୍ରବୀଣ ଚୌଧୁରୀଙ୍କୁ ଶ୍ରେଷ୍ଠ ଖେଳାଳି,ଶ୍ରୀକାନ୍ତ ସାହୁଙ୍କୁ ଶ୍ରେଷ୍ଠ ବୋଲର ଓ ଦୁର୍ଗାପ୍ରସାଦ ନାୟକଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଷ୍ଟିଫେନ କୁଲଦୀପଙ୍କୁ ଫାଇନାଲ ମ୍ୟାଚ୍‌ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ମିଳିଛି। ସୁବ୍ରତ ସାମଲ ଓ ସୁଶାନ୍ତ ଶେଖର ପାଢ଼ୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ନିର୍ମଳ ରାଉତ ମ୍ୟାଚ ରେଫରି ଏବଂ ବସନ୍ତ ପଣ୍ଡା ଓ ରବୀନ୍ଦ୍ର ଭତ୍ରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ମନୋଜ ପୃଷ୍ଟି ମ୍ୟାଚର ଧାରା ବିବରଣୀ ଦେଇଥିଲେ। ନାଲ୍‌କୋ ମହାପ୍ରବନ୍ଧକ ଆଶିଷ ସେନାପତି,ଉପମହାପ୍ରବନ୍ଧକ ତଥା ନାଲ୍‌କୋ ସ୍ପୋର୍ଟସ ସେଲ ଅଧିକାରୀ ସରୋଜ ନାଥ,ଅରୁଣ ମହାନ୍ତି, ଆଲୋକ ଚନ୍ଦ୍ର ଚୌଧୁରୀ, ତରୁଣ ନାୟକ, କେ.ପ୍ରତାପ ରାଓ, ଶେଖ ସୌକତ ଅଲ୍ଲୀ, ଚିତ୍ତରଞ୍ଜନ ରାୟ,ସମୀର ବେନ୍ୟା, ହେମନ୍ତ ତ୍ରିପାଠୀ, ମହେନ୍ଦ୍ର ନାୟକ, ଶୁଭ୍ରଜିତ ଜେନା, ଟଙ୍କ ଖିନବୁଡ଼ି ଓ ହରେକୃଷ୍ଣ ଏକ୍କୁଡୁ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

